NATIONAL NEWS BULLETIN (ODIA)

5 November - 2026

Evening Bulletin : 7.15 p.m.

****

ମୁଖ୍ୟ ସମ୍ବାଦ

- ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ ଭାରତ ଏକ ବଡ଼ ଶକ୍ତି ଭାବେ ପରିଗଣିତ ହେଉଛି, କହିଲେ ପ୍ରଧାନମନ୍ତ୍ରୀ ।

– ଏସୀୟ ପାରା କ୍ରୀଡ଼ା ପ୍ରତିଯୋଗିତାର କ୍ରୀଡ଼ାବିତ୍‌ଙ୍କ ସହ କଲେ ମତବିନିୟମ ।

- ଉଚ୍ଚଶିକ୍ଷା ପ୍ରତିଷ୍ଠାନ ପାଇଁ ଉଦ୍ଦିଷ୍ଟ ୟୁଜିସି-୨୦୨୬ ସମାନତା ନିୟମାବଳୀ ସମୀକ୍ଷା କରିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରିବେ କେନ୍ଦ୍ର ସରକାର ।

- ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀ ।

ଏବଂ

- ଏସୀୟ ହକି ଚାମ୍ପିୟନ୍‌ସିପ୍ ଟାଇଟଲ୍ ହାସଲ ପାଇଁ ଭାରତ ଓ ଜାପାନ୍ ମଧ୍ୟରେ ମ୍ୟାଚ୍ ଜାରି ।

ପିଏମ୍-ପାରା ଏସିଆନ୍ ଗେମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, କ୍ରୀଡ଼ା କ୍ଷେତ୍ରରେ ଭାରତ ଏକ ବଡ଼ ଶକ୍ତି ଭାବେ ପରିଗଣିତ ହେଉଛି । ଜାପାନ୍‌ର ଆଇଚି-ନାଗୋୟାଠାରେ ସମ୍ପ୍ରତି ଅନୁଷ୍ଠିତ ଏସିଆନ୍ ପାରା କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ଏହାକୁ ପ୍ରତିପାଦନ କରୁଛି । ନୂଆଦିଲ୍ଲୀରେ ଆଜି ଏସୀୟ ପାରା କ୍ରୀଡ଼ାବିତ୍‌ଙ୍କ ସହ ମତବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ସଫଳତା ଭାରତକୁ ଗର୍ବିତ କରିଛି । ନିଷ୍ଠା, ସାହସ ଏବଂ ଆତ୍ମବିଶ୍ୱାସ ଦ୍ୱାରା ପାରା କ୍ରୀଡ଼ାବିତ୍ ନିଜକୁ ବିଶ୍ୱସ୍ତରରେ ପ୍ରତିପାଦନ କରିପାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ୨୦୧୦ରେ ପାରା ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ଗୋଟିଏ ସ୍ୱର୍ଣ୍ଣ ସହ ମାତ୍ର ୧୪ଟି ପଦକ ପାଇଥିବା ବେଳେ ଚଳିତ ଥର ୩୦ଟି ସ୍ୱର୍ଣ୍ଣ ସହ ୧୧୪ଟି ପଦକ ହାସଲ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

V/O-PM Para

ଆଗାମୀ ଅଲିମ୍ପିକ୍ସ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଯୁବ ପ୍ରତିଭାଙ୍କୁ ଚିହ୍ନଟ କରିବାରେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଖେଲୋ ଇଣ୍ଡିଆ କ୍ରୀଡ଼ା ସାମଗ୍ରୀ ନିର୍ମାଣ ଯୋଜନା ଅଭିଯାନକୁ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି । ଭାରତୀୟ ଖେଳାଳି ସ୍ୱଦେଶୀ ନିର୍ମିତ

କ୍ରୀଡ଼ା ସାମଗ୍ରୀ ସହ କ୍ରୀଡ଼ା କ୍ଷେତ୍ରକୁ ଓହ୍ଲାଇବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

କାର୍ଯ୍ୟକ୍ରମରେ ଏସୀୟ ପାରା ଆଥ୍‌ଲେଟିକ୍ସ ପ୍ରତିଯୋଗିତାର ପଦକ ବିଜେତା ଭାରତୀୟ ପାରା ଅଲିମ୍ପିକ୍ସ କମିଟି ସଦସ୍ୟ, ପ୍ରଶିକ୍ଷକ, ଭାରତୀୟ ଅଲିମ୍ପିକ୍ସ ସଂଘର ଅଧିକାରୀ, ଜାତୀୟ କ୍ରୀଡ଼ା ସଂଘର ପ୍ରତିନିଧିଙ୍କ ସମେତ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଓ କ୍ରୀଡ଼ା ରାଷ୍ଟ୍ର ମନ୍ତ୍ରୀ ରକ୍ଷା ଖଡ଼ସେ ପ୍ରମୁଖ ଯୋଗ ଦେଇଥିଲେ ।

ସୂଚନା ଯୋଗ୍ୟ ଏସୀୟ ପାରା କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ୯୭ ଜଣ କ୍ରୀଡ଼ାବିତ୍ ମୋଟ୍ ୧୧୪ଟି ପଦକ ହାସଲ କରିଛନ୍ତି । ସେଥିମଧ୍ୟରେ ୩୦ଟି ସ୍ୱର୍ଣ୍ଣ, ୩୫ଟି ରୌପ୍ୟ ଏବଂ ୪୯ଟି କାଂସ୍ୟ ପଦକ ଅନ୍ତର୍ଭୁକ୍ତ ।

ଏସ୍‌ସି-ୟୁଜିସି ସେଣ୍ଟର

ଉଚ୍ଚଶିକ୍ଷା ପ୍ରତିଷ୍ଠାନ ପାଇଁ ଉଦ୍ଦିଷ୍ଟ ୟୁଜିସିର ୨୦୨୬ ସମାନତା ନିୟମାବଳୀ ସମୀକ୍ଷା କରିବା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଉଛି ବୋଲି କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟ୍‌କୁ କହିଛନ୍ତି । କ୍ୟାମ୍ପସ୍ ପରିସରରେ ଜାତିଗତ ବୈଷମ୍ୟର ସମ୍ମୁଖୀନ ହେବା ଅଭିଯୋଗ ନେଇ ଆତ୍ମହତ୍ୟା କରିଥିବା ରୋହିତ ଭେମୁଲା ଏବଂ ପାୟଲ୍ ତଡ଼ଭିଙ୍କ ପରିବାରବର୍ଗଙ୍କ

ପକ୍ଷରୁ ଆଗତ ଆବେଦନଗୁଡ଼ିକର ଶୁଣାଣି ଅବସରରେ କେନ୍ଦ୍ର ସରକାର କୋର୍ଟ୍‌କୁ ଏହି ସୂଚନା ପ୍ରଦାନ କରିଛନ୍ତି । ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ସମାନତାକୁ ପ୍ରୋତ୍ସାହିତ କରିବା ଉପରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଖଣ୍ଡପୀଠ କହିଛନ୍ତି, ଏହାର ଅର୍ଥ ହେଉଛି ସବୁ ଛାତ୍ରଛାତ୍ରୀଙ୍କୁ ନ୍ୟାୟପୂର୍ଣ୍ଣ ବ୍ୟବହାର, ସମାନ ସୁଯୋଗ, ଜାତିତଥା ସାମାଜିକ ପୃଷ୍ଠଭୂମି ନିର୍ବିଶେଷରେ ସମସ୍ତଙ୍କୁ ଭେଦଭାବରୁ ସୁରକ୍ଷାକୁ ସୁନିଶ୍ଚିତ କରିବା । ଛାତ୍ରଛାତ୍ରୀଙ୍କ ଏ ସଂକ୍ରାନ୍ତ ଚିନ୍ତାର ସମାଧାନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ସମସ୍ତଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ନେଇ ପ୍ରୟାସ ଜାରି ରହିଛି ବୋଲି ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କୋର୍ଟ୍‌କୁ ଅବଗତ କରିଛନ୍ତି । କୋର୍ଟ୍ କହିଛନ୍ତି, ଯୁବପିଢ଼ିର କଲ୍ୟାଣ ଏଭଳି ପ୍ରସଙ୍ଗରେ କେନ୍ଦ୍ରବିନ୍ଦୁ ରହିବା ଉଚିତ୍ ।

ସୂଚନା ଯୋଗ୍ୟ ପୂର୍ବ ପ୍ରଚଳିତ ୨୦୧୨ ମସିହାର ସମାନତା ନିୟମାବଳୀ ପରିବର୍ତ୍ତେ ୟୁଜିସି ୨୦୨୬ରେ ସଂଶୋଧିତ ନିୟମାବଳୀ ପ୍ରସ୍ତୁତ କରିଛି ।

ଶାହା-ହରିଆଣା ଭିଜିଟ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ହରିଆଣାର ଅମ୍ବାଲା କ୍ୟାଣ୍ଟଠାରେ ଏକ ସ୍ମାରକୀ ଉଦ୍‌ଘାଟନ କରିଛନ୍ତି । ୧୮୫୭ ମସିହା ସହିଦ୍ ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ମାନାର୍ଥେ ଏହି ସ୍ମାରକୀ ନିର୍ମାଣ କରାଯାଇଛି । ୨୨ ଏକର ପରିସରରେ ୮୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସ୍ମାରକୀରେ ୧୮୫୭ ସ୍ୱାଧୀନତା ସଂଗ୍ରାମ ସହ ଜଡ଼ିତ ୭୦୦ରୁ ଅଧିକ ବୀର ସନ୍ତାନଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲେଖାଯାଇଛି । ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମର କଥାକୁ ଜୀବନ୍ତ ଭାବେ ଉପସ୍ଥାପନ କରାଯାଇଛି । ଏହା ପରେ ଅମ୍ବାଲାର ଗାନ୍ଧି ମଇଦାନଠାରେ ଏକ ଜନସମାବେଶକୁ ଶ୍ରୀ ଶାହା ସମ୍ବୋଧନ କରିଛନ୍ତି । ସମାବେଶରେ କେନ୍ଦ୍ର ମନ୍ତ୍ରୀ ମନୋହରଲାଲ୍, ମୁଖ୍ୟମନ୍ତ୍ରୀ ନାୟବ ସିଂହ ସଇନୀ ପ୍ରମୁଖ ଉପସ୍ଥିତ ଥିଲେ ।

ହରଦୀପ ସିଂହ ପୁରୀ

ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏହି ଉପ-ନିର୍ବାଚନ ପାଇଁ ଆଜିଥିଲା ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିନ । ପ୍ରତ୍ୟାହାରର ସମୟସୀମା ଶେଷ

ହେବା ପରେ ରିଟର୍ଣ୍ଣିଂ ଅଧିକାରୀ ଉମେଶ କୁମାର ଶର୍ମା ଆନୁଷ୍ଠାନିକ ଭାବେ ମନ୍ତ୍ରୀ ଶ୍ରୀ ପୁରୀ ନିର୍ବାଚିତ ହୋଇଥିବା ନେଇ ଘୋଷଣା କରିଥିଲେ । ଏ ସଂକ୍ରାନ୍ତ ପ୍ରମାଣପତ୍ର ବିଜେପି ରାଜ୍ୟଶାଖା ସଭାପତି ହେମନ୍ତ ଖଣ୍ଡେଲ୍ୱାଲ୍‌ଙ୍କୁ ହସ୍ତାନ୍ତର କରାଯାଇଛି ।

ସୂଚନା ଯୋଗ୍ୟ ଶ୍ରୀ ପୁରୀଙ୍କ ସହ ଏହି ନିର୍ବାଚନ ପାଇଁ ଦୁଇ ଜଣ ସ୍ୱାଧୀନ ପ୍ରାର୍ଥି ନାମାଙ୍କନପତ୍ର ଦାଖଲ କରିଥିଲେ । ତେବେ ନାମାଙ୍କନ ପ୍ରକ୍ରିୟାରେ ତ୍ରୁଟି ଯୋଗୁଁ ସେମାନଙ୍କର ନାମାଙ୍କନପତ୍ର ଖାରଜ ହୋଇଯାଇଥିଲା । ଫଳରେ ଶ୍ରୀ ପୁରୀ ନିର୍ବାଚନ ପାଇଁ ଏକ ମାତ୍ର ପ୍ରାର୍ଥି ଥିଲେ ।

ବୈଷ୍ଣବ-ଜୟପୁର ଭିଜିଟ୍

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନେଇ କଂଗ୍ରେସ ଲୋକଙ୍କୁ ଭ୍ରମିତ କରୁଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅଭିଯୋଗ କରିଛନ୍ତି । ବିଜେପିର ଦେଶ ବ୍ୟାପି ଅଭିଯାନ ‘ଗଣତନ୍ତ୍ର ବଞ୍ଚାଅ-ଅରାଜକତା ହଟାଅ’ ଅବସରରେ ଜୟପୁରଠାରେ ଏକ ସାଧାରଣ ସଭାକୁ ସମ୍ବୋଧନ କରି ଶ୍ରୀ ବୈଷ୍ଣବ କହିଛନ୍ତି, ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

ଶ୍ରୀ ବୈଷ୍ଣବ କହିଛନ୍ତି, ଇ.ଭି.ଏମ୍. ଅନିୟମିତତା ନେଇ କଂଗ୍ରେସର ଅଭିଯୋଗ ଅମୂଳକ । କେରଳମ୍‌ରେ ନିର୍ବାଚନ ଜିତିବା ପରେ କଂଗ୍ରେସ ଏଭଳି ପ୍ରସଙ୍ଗ ଉଠାଉ ନାହିଁ ବୋଲି ସେ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ପ୍ରସଙ୍ଗ ନ ଉଠାଇ ସଂସଦରେ ଆଲୋଚନା କରିବାକୁ ଶ୍ରୀ ବୈଷ୍ଣବ କଂଗ୍ରେସକୁ ଆହ୍ୱାନ ଦେଇଛନ୍ତି । ସରକାର ପ୍ରତ୍ୟେକ ପ୍ରସଙ୍ଗରେ ସଂସଦରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

V/O

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ନକ୍ସଲ ମୁକ୍ତ ହୋଇଥିବା ବେଳେ ଶତ୍ରୁ ଅଞ୍ଚଳରେ ଆକ୍ରମଣ କରିବାକୁ ସକ୍ଷମ ହୋଇପାରିଛି । ନିଶାମୁକ୍ତ ଭାରତ ଗଠନ ନେଇ ସରକାର ସ୍ୱତନ୍ତ୍ର ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଦୀପାବଳୀ ସମୟରେ ଅତିରିକ୍ତ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି ।

ଜିତେନ୍ଦ୍ର ସିଂହ-ଡିଏଲ୍‌ସି ଫାଇଭ୍

ଜାତୀୟ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନର ପଞ୍ଚମ ସଂସ୍କରଣକୁ ଆସନ୍ତାକାଲି ନୂଆଦିଲ୍ଲୀଠାରେ ଆନୁଷ୍ଠାନିକ ଭାବେ କାର୍ମିକ,

ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଶୁଭାରମ୍ଭ କରିବେ । ପେନ୍‌ସନ୍ ଓ ପେନ୍‌ସନ୍ ଭୋଗି କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ ଏହି ଅଭିଯାନ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରଣାଳୟ କହିଛି, ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ଉପଯୋଗ ମାଧ୍ୟମରେ ପେନ୍‌ସନ୍‌ଭୋଗିଙ୍କର ଜୀବନ ପ୍ରମାଣପତ୍ର ଦାଖଲକୁ ଅଧିକ ସୁଲଭ, ସୁବିଧାଜନକ କରିବା ଲକ୍ଷ୍ୟ ନେଇ ଏହି ଅଭିଯାନ ଆରମ୍ଭ ହୋଇଛି । ଜୀବନ ପ୍ରମାଣପତ୍ର ଆପ୍ ବ୍ୟବହାର ମାଧ୍ୟମରେ ମୁଖ ପ୍ରମାଣିକରଣ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରାଯାଇଛି । ସମସ୍ତ ସରକାରୀ ବ୍ୟାଙ୍କ୍, ଇଣ୍ଡିଆପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ତଥା ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକରେ ଏହି ଅଭିଯାନକୁ ସମ୍ମିଳିତ ଭାବେ ପରିଚାଳନା କରାଯାଉଛି ।

୮୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସ୍କ, ମହିଳା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅସୁବିଧାର ସମ୍ମୁଖୀନ ହେଉଥିବା ପେନ୍‌ସନ୍‌ଭୋଗିଙ୍କ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରଣାଳୟ କହିଛି । ଏପରିକି ଅଭିଯାନ ମାଧ୍ୟମରେ ପେନ୍‌ସନ୍‌ଭୋଗିଙ୍କୁ ତାଙ୍କ ବାସଭବନରେ ସୁବିଧା ପ୍ରଦାନ ନେଇ ଏଥିରେ ବ୍ୟବସ୍ଥା ରହିଛି ବୋଲି ମନ୍ତ୍ରଣାଳୟ କହିଛି ।

ଏସୀୟ ହକି

ଏସୀୟ ହକି ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ଭାରତ ଓ ଜାପାନ୍ ମଧ୍ୟରେ ଖେଳାଯାଉଛି । ମୋହାଲିର ବଲ୍‌ବୀର ସିଂହ ସିନିୟର୍ ଇଣ୍ଟରନ୍ୟାସନାଲ୍ ହକି ଷ୍ଟାଡିୟମ୍‌ଠାରେ ଏହି ଅଳ୍ପ ସମୟ ପୂର୍ବରୁ ମ୍ୟାଚ୍ ଆରମ୍ଭ ହୋଇଛି । ଗତକାଲିର ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତ' ଦକ୍ଷିଣ କୋରିଆକୁ ୮-୧ ଗୋଲ୍‌ରେ ପରାସ୍ତ କରିଥିବାବେଳେ ଜାପାନ' ମାଲେସିଆକୁ ୫-୩ ଗୋଲ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛନ୍ତି ।

ରୋନାଲ୍‌ଡୋ-ରିଟାର୍ଡ୍‌ମେଣ୍ଟ

ବିଶିଷ୍ଟ ଫୁଟବଲ୍ ଖେଳାଳି ପର୍ତ୍ତୁଗାଲ୍‌ର କ୍ରିଷ୍ଟିୟାନୋ ରୋନାଲ୍‌ଡୋ ଅବସର ଘୋଷଣା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ୪୧ ବର୍ଷୀୟ ଶ୍ରୀ ରୋନାଲ୍‌ଡୋ ଦେଶ ପାଇଁ ଆଉ ଫୁଟବଲ୍ ଖେଳିବେ ନାହିଁ ବୋଲି ଘୋଷଣା କରିଛନ୍ତି । ଏଥିସହ ଫୁଟବଲ୍ ଜଗତର ଏକ ଉଜ୍ଜ୍ୱଳ ତାରକାଙ୍କ କ୍ରୀଡ଼ା ଜୀବନର ଅବସାନ ଘଟିଛି । ତାଙ୍କ ଫୁଟବଲ୍ ଜୀବନ ମଧ୍ୟରେ ସେ ବହୁବାର ଉତ୍କର୍ଷ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ ଯୋଗୁଁ ପୁରସ୍କୃତ ହୋଇଛନ୍ତି ।

ସୂଚନା ଯୋଗ୍ୟ ଗତ ମାସରେ ଆର୍ଜେଣ୍ଟିନାର ବିଶିଷ୍ଟ ଫୁଟବଲ୍ ଖେଳାଳି ଲିଓନେଲ୍ ମେସି ମଧ୍ୟ ଅବସର ଘୋଷଣା କରିଥିଲେ । ତେବେ ମେସିଙ୍କ ପରି ରୋନାଲ୍ଡୋ ମଧ୍ୟ କ୍ଲବ୍ ସ୍ତରରେ ଫୁଟ୍‌ବଲ୍ ଖେଳ ଜାରି ରଖିବେ । ରୋନାଲ୍ଡୋ ତାଙ୍କ ଫୁଟବଲ୍ ଜୀବନରେ ଏ ପର୍ଯ୍ୟନ୍ତ ୯୮୫ଟି ଗୋଲ୍‌ସ୍କୋର କରିଛନ୍ତି ।